**ସଂକ୍ଷେପରେ**

## ଠିକାକାମ ପ୍ରଦାନ ଲାଗି ଲାଞ୍ଚ ମାମଲାର ଶୁଣାଣି
# ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀଙ୍କୁ ୩ ବର୍ଷ ଜେଲ୍

ରାୟଗଡା,୨୩।୯(ଭାଗ୍ୟଶ୍ରୀ ମିଶ୍ର)

ଜୟପୁରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଜଣେ ସରକାରୀ ଅଧିକାରୀ ଠିକାକାମ ପ୍ରଦାନ ସକାଶେ ବ୍ୟକ୍ତିଙ୍କଠାରୁ ଲାଞ୍ଚ ନେବା ମାମଲାର ଶୁଣାଣି କରି ଜଣେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ୩ ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛନ୍ତି। ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକ୍‌ରେ କାର୍ଯ୍ୟରତ ବରି ରାଜସ୍ୱ ସହକାରୀ ଅଧିକାରୀ ପ୍ରକାଶ କୁମାର ସାହୁ ଯାତ୍ରୀଙ୍କ ପାଇଁ ରେଷ୍ଟ ସେଡ ନିର୍ମାଣ ସକାଶେ ବିଧାୟକ ପାଣ୍ଠିରୁ ଠିକାଦାରଙ୍କୁ କାର୍ଯ୍ୟାଦେଶ ପ୍ରଦାନ ସକାଶେ ୪ହଜାର ଟଙ୍କା ଦାବି କରିଥିଲେ । ଘଟଣା ସମ୍ପର୍କରେ ବିଳାସ ନାୟକ ରାୟଗଡା ଭିଜିଲାନ୍ସର ଦ୍ୱାରସ୍ଥ ହେବା ସହ ଦୁର୍ନୀତିଖୋର ଅଧିକାରୀଙ୍କୁ ଧରିବା ସକାଶେ ଭିଜିଲାନ୍ସ ପକ୍ଷରୁ ଜାଲ ବିଛା ଯାଇଥିଲା । ଗତ ୨୦୨୦ ସେପ୍ଟମ୍ବର ୨୯ତାରିଖର ଯୋଜନାବଦ୍ଧ ଭାବେ ଅଧିକାରୀଙ୍କୁ ଟଙ୍କା ନେବା ବେଳେ ଭିଜିଲାନ୍ସ ଟିମ ତାଙ୍କୁ କାବୁ କରିଥିଲେ। ଏହାପରେ ମାମଲା ଭିଜିଲାନ୍ସ କୋର୍ଟରେ ବିଚାରାଧିନ ରହିଥିବାବେଳେ ଜୟପୁରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ମାମଲା ଶୁଣାଣି କରି ଅଭିଯୁକ୍ତଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୫ହଜାର ଟଙ୍କା ଜରିମାନା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜରିମନା ଅନାଦେୟ ସ୍ଥିତିରେ ଅଧିକ ୩ମାସ ସଶ୍ରମ ଜେଲ ଦଣ୍ଡାଦେଶ ରାୟ ଶୁଣାଣି କରିଥିବା ଜଣାପଡିଛି ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କଲା ପୋଲିସ

ତେନ୍ତୁଲିଖୁଣ୍ଟି, ୨୩।୯(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ଖାତିଗୁଡା ଥାନା ଅଧୀନ ଲାଉଗୁଡା ରାସ୍ତା ପାର୍ଶ୍ୱରେ ସରକାରଙ୍କ ପକ୍ଷରୁ ଯୋଗେଇ ଦିଆଯାଇଥିବା ଜେଏମ୍‌ସି ପାଣିପାଇପ ଲାଇନ ଏୟାର ଭାଲ ୱାଲଠାରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଖାତିଗୁଡା ପୋଲିସ ଜବତ କରିଛି । ମୃତକଙ୍କ ପରିଚୟ ମିଳିପାରିନାହିଁ। ନନ୍ଦାହାଣ୍ଡି ଉପାଧ୍ୟକ୍ଷ ସଦନ ଗୌଡ଼, ଏବଂ ନନ୍ଦାହାଣ୍ଡି ବ୍ଲକ ଯୁବ ବିଜେଡି ସଭାପତି ପୁରନ୍ଦର ଭତ୍ରା ଘଟଣାକୁ ନେଇ ଖାତିଗୁଡା ପୋଲିସରେ ଲିଖିତ ଅଭିଯୋଗ କରିଥିଲେ। ଖାତିଗୁଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ଏହା ଆତ୍ମହତ୍ୟା ନା ହତ୍ୟା ପୋଲଇସ ତାହାର ତଦନ୍ତ ଚଳାଇଛି।

# ଖାଇବାକୁ ମାଗିଲେ ଛାତ୍ରଙ୍କୁ ମାଡ଼ ମରାଯାଉଛି

ରାୟଗଡ଼ା,୨୩।୯ (ଆଶିଷ ରଞ୍ଜନ ପଣ୍ଡା)


ଅଭିଯୋଗ କରିବାକୁ ଆସିଥିବା ଅନ୍ୱେଷା ହଷ୍ଟେଲ ଛାତ୍ରମାନେ।

- ଅନ୍ୱେଷା ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ମନମୁଖି କାର୍ଯ୍ୟ
- ଚାଲିଚାଲି ଆସି ଏଡିଏମ୍‌ଙ୍କୁ ଅଭିଯୋଗ କଲେ ଛାତ୍ର

ଗରିବ ଆଦିବାସୀ ଛାତ୍ରଙ୍କୁ ଉନ୍ନତମାନର ଶିକ୍ଷା ବ୍ୟବସ୍ଥା ଯୋଗାଇଦେବା ପାଇଁ ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଜାତି ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଛି ଅନ୍ୱେଷା ଯୋଜନା । ଏହି ଯୋଜନାରେ ଅନ୍ୱେଷା ହଷ୍ଟେଲରେ ରହି ଛାତ୍ରମାନେ ପାଠ ପଢ଼ିପାରିବେ । ଛାତ୍ରମାନଙ୍କ ରହିବା ଓ ପାଠପଢ଼ିବା ପାଇଁ ସରକାର ସମସ୍ତ ପ୍ରକାର ସୁବିଧା ଯୋଗାଇଦେବାର ବ୍ୟବସ୍ଥା ରହିଛି। ହେଲେ ଖୋଦ୍ ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ନିଜ ଜିଲାରେ ଏହାର ବିପରୀତ ଦେଖିବାକୁ ମିଳିଛି । ରାୟଗଡା ସହର ଉପକଣ୍ଠ କଟଲାଗୁଡ଼ାସ୍ଥିତ ଅନ୍ୱେଷା ହଷ୍ଟେଲରେ ଛାତ୍ରମାନେ ଖାଇବାକୁ ମାଗିଲେ ସେମାନଙ୍କୁ ମାଡ଼ ମରାଯାଉଥିବା ଅଭିଯୋଗ ହୋଇଛି। ପ୍ରାୟ ୨୫ ଜଣ ଛାତ୍ର ୫ କି.ମି. ଚାଲି ଚାଲି ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଥିଲେ। ହଷ୍ଟେଲ ଦାୟିତ୍ୱରେ ଥିବା ସହକାରୀ ଅଧୀକ୍ଷକ ଅନେକ ସମୟରେ ସେମାନଙ୍କୁ ମାଡ ମାରୁଥିବା ଛାତ୍ରମାନେ କହିଛନ୍ତି।

ଛାତ୍ରମାନେ ଅଭିଯୋଗ କରିଛନ୍ତି, ଅନ୍ୱେଷା ହଷ୍ଟେଲ ପ୍ରଥମ ୱାର୍ଡର ସହକାରୀ ଅଧୀକ୍ଷକ ବିଶ୍ୱାମିତ୍ର ସୁନା ଅନ୍ତେବାସୀଙ୍କୁ ଖରାପ ଖାଦ୍ୟ ଖାଇବାକୁ ଦେଉଛନ୍ତି। ଏ ନେଇ ସେମାନେ କହିଲେ ଦୁର୍ବ୍ୟବହାର କରିବା ସହ ସେମାନଙ୍କୁ ମାଡ ମାରୁଛନ୍ତି। ଏପରିକି ସେ ଅଧିକାଂଶ ସମୟରେ ଅନୁପସ୍ଥିତ ରହୁଥିବାରୁ ଅନ୍ୟ ଜଣେ ହଷ୍ଟେଲ ପରିଚାଳନା କରୁଛନ୍ତି। ଜିଲା ମଙ୍ଗଳ ଅଧିକାରୀ ଆସିବା ସମୟରେ ତାଜା ପରିବା ରଖି ସଜାଉଛନ୍ତି। ହେଲେ ଖାଇବା ସମୟରେ ଖରାପ ପଚାଶଢା ପରିବା ରୋଷେଇକରି ଖାଇବାକୁ ଦିଆଯାଉଛି। ଖାଇବା ସୂଚୀ ଅନୁସାରେ ଖାଦ୍ୟ ପ୍ରଦାନ କରାଯାଉ ନ ଥିବା ବେଳେ ଆମିଷ ଖାଦ୍ୟ ମଧ ଠିକ୍ ଭାବରେ ଦିଆଯାଉ ନ ଥିବା ଛାତ୍ରମାନେ ଅଭିଯୋଗ କରିଛନ୍ତି। ଅତିରିକ୍ତ ଜିଲାପାଳ ପ୍ରଧାନ ଛାତ୍ରଙ୍କ ଅଭିଯୋଗ ଶୁଣିବା ପରେ ତଦନ୍ତ କରିବା ପାଇଁ ମଙ୍ଗଳ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଏ ନେଇ ସହକାରୀ ଅଧୀକ୍ଷକ ବିଶ୍ୱନାଥ ସୁନାଙ୍କୁ ଯୋଗାଯୋଗ କରିବାରୁ ସେ କଥାକୁ ଏଡାଇ ଦେବା ସହ ଗୁରୁତ୍ୱ ଦେଇ ନ ଥିଲେ। ତେବେ ଜିଲା ମଙ୍ଗଳ ଅଧିକାରୀ ଭରତ ଭୂଷଣ ବିଶ୍ୱାଳ କହିଛନ୍ତି, ଖୁବ୍‌ଶୀଘ୍ର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ପ୍ରକାଶ ଥାଉ କି, ପୂର୍ବରୁ ବିଶ୍ୱାମିତ୍ରଙ୍କ ନାଁରେ ଅଭିଯୋଗ ରହିଛି। ଅଣ୍ଟାମଡ଼ା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଥିବା ସମୟରେ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଚାଉଳ ହେରଫେର ଅଭିଯୋଗ ହୋଇଥିଲା। ହେଲେ ତାଙ୍କୁ ବର୍ତ୍ତମାନ ଅନ୍ୱେଷା ସମେତ ବଡରାଇସିଂ ବିଦ୍ୟାଳୟ ଦାୟିତ୍ୱ ପ୍ରଦାନ କରାଯାଇଛି।

# ୨୩ କେଜି ଗଞ୍ଜେଇ ଜବତ, ୫ ଗିରଫ


ଗିରଫ ଅଭିଯୁକ୍ତ ଓ ଜବତ ଗଞ୍ଜେଇ ।

ଟିକିର,୨୩।୯(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକରେ ଶୁକ୍ରବାର ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଏକ କାର୍‌ରୁ ୨୨ କେଜି ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ଚୋରାଚାଲାଣ କରିବା ଅଭିଯୋଗରେ ପୋଲିସ ୫ଜଣ ଯୁବକଙ୍କୁ କୁମ୍ଭାରଶିଳା ଛକ ନିକଟରୁ ଗିରଫ କରିଛି। ସେମାନଙ୍କଠାରୁ ନଗଦ ୧୩,୯୫୦ ଟଙ୍କା, ୩ଟି ମୋବାଇଲ ଫୋନ ଓ ଚୋରା ଚାଲାଣରେ ବ୍ୟବହୃତ କାର ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କୋରାପୁଟ ଜିଲା ଭେଜାପୁଟ ଗ୍ରାମର ଈଶ୍ୱର ଜୟପୁରିଆ (୨୮), ଖିଲୁଆ ଗ୍ରାମର ମଦନ ଖେମୁଣ୍ଡୁ(୪୨), ଦାମନଯୋଡ଼ିର ଜଗଦୀଶ ଜେନା ଏବଂ ବିହାର ରାଜ୍ୟର ଭୋଜପୁର ଜିଲା ମକଦମପୁର ଗ୍ରାମର ସନ୍ତୋଷ ସିଂ(୩୮) ଓ ରାହୁଲ କୁମାର ସିଂ(୨୪) । ଏ ନେଇ କାଶୀପୁର ଥାନାରେ ୧୨୯/୨୩ରେ ଏକ ମାମଲା ରୁଜୁ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି ।

କାଶୀପୁର ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ କୁମ୍ଭାରଶିଳା ଛକ ନିକଟରେ ଏକ କାର୍ (ଓଆର୧୫ଜି୦୪୧) ଉପରେ ସନ୍ଦେହ ଉପୁଜିବାରୁ ଗାଡ଼ି ଅଟକାଇ ଖାନତଲାସି କରିଥିଲେ। ଏହି ସମୟରେ ଉକ୍ତ ଗାଡିରୁ ୨୨ କେଜି ଗଞ୍ଜେଇ ପୋଲିସ ହାତରେ ଲାଗିଥିଲା । କାର୍ ଯୋଗେ କୋରାପୁଟ ଜିଲାର ନନ୍ଦପୁର ଅଞ୍ଚଳରୁ ଗଞ୍ଜେଇ ଆଣି ଟିକିରି ଷ୍ଟେଶନରେ ଟ୍ରେନ୍ ଯୋଗେ ବିହାର ଅଭିମୁଖେ ଯିବା ପାଇଁ ଆସିଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି।

# ନାବାଳିକା ବଳାତ୍କାର ଘଟଣାକୁ ତୀବ୍ର ବିରୋଧ


କପିଳାସ ଛକରେ ଭାଜପା କର୍ମୀମାନେ ପ୍ରତିବାଦ କରୁଛନ୍ତି।

ରାୟଗଡ଼ା,୨୩।୯(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଡଙ୍ଗାସିଲ ଗ୍ରାମରେ ଥିବା ଏକ କନ୍ୟାଶ୍ରମରେ ଜଣେ ତୃତୀୟ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର ଘଟଣାକୁ କଂଗ୍ରେସ ଓ ଭାଜପା ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି । ଜିଲା କଂଗ୍ରେସ ସଭାପତି ବିଜୟ କୁମାର ଗମାଙ୍ଗ, ପୂର୍ବତନ ଜିଲା ପରିଷଦ ସଭ୍ୟା କେତକୀ ଗମାଙ୍ଗ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ବୁଝିବା ସହ ଉନ୍ନତମାନର ଚିକିତ୍ସା ଯୋଗାଇଦେବାକୁ ଏବଂ ପୋଲିସ ଅଭିଯୁକ୍ତ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ସେହିଭଳି ଶନିବାର ସକାଳେ ଜିଲା କଂଗ୍ରେସ ଏସସି ସେଲ୍ ସଭାପତି ରାଜେନ୍ଦ୍ର ଦୁରିଆ ଡଙ୍ଗାସିଲ ଅଞ୍ଚଳ ଗସ୍ତକରି ଉଭୟ ପୀଡ଼ିତାଙ୍କ ପରିବାର, ଅଞ୍ଚଳବାସୀ ଓ ପୋଲିସ ସହିତ ଆଲୋଚନା କରି ନ୍ୟାୟ ପାଇଁ ଦାବି କରିଛନ୍ତି। ଅନ୍ୟପକ୍ଷରେ ଭାଜପା ନେତାମାନେ ରାୟଗଡ଼ା ସହରର କପିଳାସ ଛକ ନିକଟସ୍ଥ ଜାତୀୟ ରାଜପଥଠାରେ ଏହି ଘଟଣାର ତୀବ୍ର ନିନ୍ଦା କରିଥିଲେ । ଭାଜପା ମହିଳା ମୋର୍ଚ୍ଚା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ଶିବ ପ୍ରସାଦ ପଟ୍ଟନାୟକ, ଉପସଭାପତି ରାମକୃଷ୍ଣ ପଣ୍ଡା, ରାଷ୍ଟ୍ରୀୟ ଜନଜାତି ମୋର୍ଚ୍ଚା ସାଧାରଣ ସମ୍ପାଦକ କାଳିରାମ ମାଝି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଧାୟକ ପ୍ରାର୍ଥୀ ବସନ୍ତ ଉଲାକା, ରାଜ୍ୟ ମହିଳା ସମ୍ପାଦିକା ପୂର୍ଣ୍ଣିମା ନାୟକ, ମହିଳା ନେତ୍ରୀ ବି.ଲକ୍ଷ୍ମୀ, କେ.ଅଶ୍ୱିନୀ ଓ ଅର୍ଚ୍ଚନା ବର୍ମାଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ । ଏଥିସହ ଏକ ବାଳିକା ଆଶ୍ରମ ବିଦ୍ୟାଳୟରେ ଜଣେ ପୁରୁଷ କିଭଳି ଭାବେ ପିଅନ ଚାକିରି ପାଇଛନ୍ତି ରାଜନୈତିକ ଦଳଗୁଡ଼ିକ ତାହାର ବିରୋଧ କରିଛନ୍ତି। ଏହି ବିଦ୍ୟାଳୟ ମଙ୍ଗଳ ବିଭାଗ ଅଧୀନରେ ରହିଥିଲେ ମଧ ବର୍ତ୍ତମାନ ସୁଦ୍ଧା ବିଭାଗୀୟ କୌଣସି ଅଧିକାରୀ ଉକ୍ତ ଗ୍ରାମକୁ ଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ୨୨ ୟୁନିଟ ରକ୍ତସଂଗ୍ରହ

ଗୁଣପୁର,୨୩।୯ (ପ୍ରଦୀପ କୁମାର ପାଢୀ)

ଗୁଣପୁର କଲେଜ ଜାତୀୟ ସେବା ଯୋଜନା ଶାଖା ନଂ ୧ ଓ ୨ ପକ୍ଷରୁ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ରକ୍ତଭଣ୍ଡାରଠାରେ ଶନିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଡ.ଶଶୀ ଭୂଷଣ ମହାନ୍ତି ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏନ୍‌ଏସ୍‌ଏସ କାର୍ଯ୍ୟକ୍ରମ ଅଧିକାରୀ ଦେବିଶ୍ରୀ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଶିବିରରେ ୨୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତଭଣ୍ଡାର ଡାକ୍ତର ଅଶ୍ୱିନି ଦାସ, ଲ୍ୟାବ ଟେକ୍ନିସିଆନ ସୁରୁଚିରାଣୀ ପାତ୍ର ଓ ଚନ୍ଦ୍ରଶେଖର ପାତ୍ର ଉପସ୍ଥିତ ରହି ସ୍ୱେଚ୍ଛାସେବୀଙ୍କଠାରୁ ରକ୍ତ ସଂଗ୍ରହ କରିଥିଲେ। ଏନ୍‌ଏସଏସ୍ ଉପଦେଷ୍ଟା ଡ.ସୂର୍ଯ୍ୟ ନାରାୟଣ ପଣ୍ଡା ଓ ଅଧାପକ ତାମିଲ ପାରାସେଟ ଉପସ୍ଥିତ ରହି




ରକ୍ତ ପ୍ରଦାନକାରୀ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ। ରାହୁଲ ନାୟକ, ପ୍ରଭାକର ସାହୁ, ବିନ୍ଟୁ ପାଢୀ, ଦିନେଶ ଅଧିକାରୀ, ଦିଲୀପ କୁମାର ବେହେରା, ରବୀନ୍ଦ୍ର ଦାସ, ସାଗର ନାୟକ ପ୍ରମୁଖ ରକ୍ତଦାନ କରିଥିଲେ।

# ଗଜପତି ଜିଲା ଶିକ୍ଷା ନିରୀକ୍ଷକ ଭାବେ ରମେଶ ଦାସ ନିଯୁକ୍ତ

ଗୁଣପୁର, ୨୩।୯
(ପ୍ରଦୀପ କୁମାର ପାଢ଼ୀ)



ଗଜପତି ଜିଲାର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ନୂତନ ଜିଲା ଶିକ୍ଷା ନିରୀକ୍ଷକ ଭାବେ ରାୟଗଡ଼ା ଜିଲାର ଜଣେ ଦକ୍ଷ ତଥା ସୁନାମଧନ୍ୟ ଶିକ୍ଷକ ରମେଶ ଚନ୍ଦ୍ର ଦାସ ନିଯୁକ୍ତି ପାଇଛନ୍ତି। କଲ୍ୟାଣସିଂହପୁର ବ୍ଲକର ଶିରିପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ରମେଶଙ୍କୁ ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ନିଯୁକ୍ତି ପ୍ରଦାନ କରାଯାଇଛି । ସେ ଗତ ୨ ମାସ ତଳେ ରାୟଗଡ଼ା ଜିଲାର ଭାରସିଂ ହାଇସ୍କୁଲରୁ ଶିରିପୁର ହାଇସ୍କୁଲକୁ ପ୍ରଧାନ ଶିକ୍ଷକ ଭାବେ ବଦଳି ହୋଇଯାଇଥିଲେ। ପୂର୍ବରୁ ସେ ଗୁଣପୁର ବ୍ଲକର ଭାରସିଂ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଥିବାବେଳେ ଛାତ୍ରବତ୍ସଳ ଭାବେ ବହୁ ସୁନାମ ଅର୍ଜନ କରିଥିଲେ। ତାଙ୍କୁ ରାଜ୍ୟ ସରକାର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ଚିଠି ସଂଖ୍ୟା ୧୯୬୦୮ ତା ୧୮।୯।୨୦୨୩ରେ ଗଜପତି ଜିଲା ଶିକ୍ଷା ନିରୀକ୍ଷକ ଭାବେ ବଦଳି କରି ଗୁରୁଦାୟିତ୍ୱ ପ୍ରଦାନ କରିଛନ୍ତି । ରମେଶଙ୍କୁ ରାୟଗଡ଼ା ଜିଲାପାଳ ରିଲିଭ କରିବା ପରେ ସେ ଗଜପତି ଜିଲାରେ ଏହି ଦାୟିତ୍ୱ ଗ୍ରହଣ କରିବେ ବୋଲି ଜଣାପଡିଛି । ଏହି ପଦବୀଟି ଦୀର୍ଘ ଦିନ ହେବ ଖାଲିପଡ଼ିଥିଲା।

# ରାଇବିଜି ସ୍କୁଲରେ ଅଭିଭାବକ ସହଭାଗିତା କାର୍ଯ୍ୟକ୍ରମ



ବୈଠକରେ ମଞ୍ଚାସୀନ ଅତିଥିମାନେ ।

ଚନ୍ଦ୍ରପୁର, ୨୩।୯(ବିଜୟ ପ୍ରସାଦ ଉଲ୍ଲାକା)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ହନୁମନ୍ତପୁର ପଞ୍ଚାୟତ ଅଧୀନ ରାଇବିଜି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଅଭିଭାବକ ସହଭାଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଭିଭାବକ ଓ ଛାତ୍ରୀମାନଙ୍କ ମଧ୍ୟରେ ଜାଣିଲେ ଜିଣିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରଥମେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଚନ୍ଦ୍ରପୁର ବିଡିଓ ଅକ୍ଷୟ କୁମାର ମଲ୍ଲିକ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହାର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନୁରାଧା ଲିଙ୍ଗମ ଅତିଥି ପରିଚୟ ପ୍ରଦାନ କରିବା ସହ ବିଦ୍ୟାଳୟ ସମ୍ପର୍କିତ ବିବରଣୀ ପାଠ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଶିକ୍ଷା ବିଭାଗର ଏବିଇଓ ଉମାକାନ୍ତ ମିଶାଲ, ସିଆର୍‌ସିସି ହରେକୃଷ୍ଣ ଶବର, ବାଲକୃଷ୍ଣ ବିହାରୀ, ସହକାରୀ ଶିକ୍ଷକ ତାପସ କୁମାର ବେହେରା, ମାଳି ଜୁନାକା, ଦିଲୀପ କୁମାର ମାଝି, ଆଲୋକ ସ୍ୱାଇଁ, ସାମାଜିକ କର୍ମୀ ବିଜୟ ଉଲାକାଙ୍କ ସମେତ ୧୦୦ରୁ ଊର୍ଦ୍ଧ୍ୱ ଅଭିଭାବକ ଉପସ୍ଥିତ ଥିଲେ। ଶେଷ ପର୍ଯ୍ୟାୟରେ କୃତୀ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷୟିତ୍ରୀ ଅନୁରାଧା ଲିଙ୍ଗମ ପରିଚାଳନା କରିଥିଲେ।

# ଛାତ୍ରୀଙ୍କ ଶିକ୍ଷାର ଉନ୍ନତିରେ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଗୁଣପୁର,୨୩।୯
(ପ୍ରଦୀପ କୁମାର ପାଢୀ)

**ଅଭିଭାବକ ସହଭାଗିତା କାର୍ଯ୍ୟକ୍ରମ**

ଗୁଣପୁର ବ୍ଲକ ଉମ୍ମସରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଅଭିଭାବକ ସହଭାଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗୁଣପୁର ଆଇଟିଡିଏର ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ପ୍ରଦୀପ କୁମାର ଦଳେଇ ଯୋଗଦେଇ ଛାତ୍ରୀଙ୍କ ଶିକ୍ଷାର ଉନ୍ନତିରେ ଅଭିଭାବକଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ମଙ୍ଗଳ ସଂପ୍ରସାରଣ ଅଧିକାରୀ ତଥା ନୋଡାଲ ଅଫିସର ଗଙ୍ଗାଧର ବେହେରା, ରାୟଗଡା ମଣ୍ଡଳ ଶିକ୍ଷାଧିଶ ଶ୍ୟାମଘନ ଭୂୟାଁ, ସାମାଜିକ କର୍ମୀ ରାଜେଶ୍ୱରୀ ଦଳେଇ, ଉମ୍ମସରା ସରପଞ୍ଚ ସନ୍ତୋଷୀ ଶବର, ଆଇନଜୀବୀ ରମେଶ ଚନ୍ଦ୍ର ଲିମା ଏବଂ ପ୍ରଧାନ ଶିକ୍ଷକ ସେମୋ ଗମାଙ୍ଗ ପ୍ରମୁଖ ଯୋଗଦେଇଥିଲେ। ନୋଡାଲ ଅଫିସର ଗଙ୍ଗାଧର ବେହେରା ତାଙ୍କ ବକ୍ତବ୍ୟରେ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ହଷ୍ଟେଲରେ ରହି ପଢୁଥିବା ଛାତ୍ରୀଙ୍କ ପାଇଁ ସରକାରଙ୍କ ଦ୍ୱାରା ଦିଆଯାଉଥିବା ବିଭିନ୍ନ ସୁବିଧା ଉପରେ ଆଲୋକପାତ କରିଥିଲେ। ଆଇନଜିବୀ ରମେଶ ଲିମା ଶିକ୍ଷା ଅଧିକାର ଆଇନ ଉପରେ କହିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ଜିଲା ମଙ୍ଗଳ ଅଧିକାରୀ ଭରତ ଭୂଷଣ ବିଶ୍ୱାଳ ଯୋଗଦେଇ ଛାତ୍ରୀଙ୍କୁ ହଷ୍ଟେଲରେ ରହଣୀ କାଳରେ ଖେଳକୁଦ ଓ ନାଚଗୀତ ସହ ଜୀବନକୁ ସମ୍ପୂର୍ଣ୍ଣ ଉପଭୋଗ କରିବା ସହ ଭଲ ପାଠ ପଢିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ 'ସମୃଦ୍ଧ ଓଡିଶା' ଗୀତର ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ମନୋଜ କୁମାର ଦୂଳ ପରିଚାଳନା କରିଥିବା ବେଳେ ଶିକ୍ଷକ ସୁନୀଲ ଗୌଡ ଧନ୍ୟବାଦ ପ୍ରଦାନ କରିଥିଲେ। ଶେଷରେ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, ଅଭିଭାବକ ଓ ଛାତ୍ରୀମାନେ।

# ଟ୍ରାକ୍ଟରରେ ବୁହା ହେଲେ ଗର୍ଭବତୀ

ଝରିଗାଁ, ୨୩।୯(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଗୁରୁସିଙ୍ଗା ପଞ୍ଚାୟତ ଅଧୀନ ମଇନାପଦର ଗ୍ରାମକୁ ପକ୍କା ରାସ୍ତା ନ ଥିବାରୁ ଜଣେ ଗର୍ଭବତୀଙ୍କୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଟ୍ରାକ୍ଟରରେ ଆଣିବା ପରେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମଇନାପଦର ଗ୍ରାମର ଭୀମ ଗୌଡ଼ଙ୍କ ସ୍ତ୍ରୀ ସୁକାନ୍ତି ଗୌଡ଼ଙ୍କୁ ଶୁକ୍ରବାର ରାତିରେ ପ୍ରସବ ବେଦନା ହେବାରୁ ପରିବାର ଲୋକ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଆମ୍ବୁଲାନ୍ସ ମଇନାପଦର ଗ୍ରାମ ଅଭିମୁଖେ ବାହାରିଥି ବେଳେ ରାସ୍ତା ଖରାପ ଯୋଗୁ ଏକ କିଲୋମିଟର ଦୂରରେ ଥିବା ସାପଗନ୍ଧା ଏବଂ ଆମ୍ବାଦୋରା ଗ୍ରାମ ଛକ ନିକଟରେ ଅଟକି ରହିଥିଲା। ପରିବାର ଲୋକ ଏକ ଟ୍ରାକ୍ଟର ଯୋଗେ ଗର୍ଭବତୀ ମହିଳାଙ୍କୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଇଥିଲେ। ପରେ ଆମ୍ବୁଲାନ୍ସରେ ଗୁରୁତର ଅବସ୍ଥାରେ ତାଙ୍କୁ ଝରିଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେଠାରେ ସେ ଏକ ନବଜାତ ଶିଶୁ କନ୍ୟା ଜନ୍ମ ଦେଇଥିଲେ। ଉଭୟ ସୁସ୍ଥ ଥିବା ସୂଚନା ମିଳିଛି।

# ଶିକ୍ଷୟିତ୍ରୀ, ଛାତ୍ରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ

ରାୟଗଡା,୨୩।୯(ଭାଗ୍ୟଶ୍ରୀ ମିଶ୍ର )



- ବିଦ୍ୟାଳୟ ଶୌଚାଳୟରେ ତାଲା ଝୁଲୁଛି
- ପ୍ରଧାନଶିକ୍ଷକଙ୍କ ବଦଳି ଦାବି କଲେ ଗ୍ରାମବାସୀ

ରାୟଗଡା ସଦର ବ୍ଲକ ଅଣ୍ଡାରିଗୁଡା ଗ୍ରାମରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅବ୍ୟବସ୍ଥା ଲାଗି ରହିଛି। ୨୯ ବର୍ଷର ଏହି ବିଦ୍ୟାଳୟ ମରାମତି ଅଭାବରୁ ଏବେ ଶୋଚନୀୟ ହୋଇପଡ଼ିଛି। ବିଦ୍ୟାଳୟରେ ପାଚେରି ନ ଥିବାରୁ ବୁଲା କୁକୁର, ଗୋରୁ ଓ ଅସାମାଜିକ ବ୍ୟକ୍ତି ଅନାୟସରେ ସ୍କୁଲ ପରିସରରେ ପ୍ରବେଶ କରୁଛନ୍ତି। ଅନ୍ୟପକ୍ଷରେ ସ୍କୁଲରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ୪ଟି ଶୌଚାଳୟ ନିର୍ମାଣ କରାଯାଇଥିଲେ ମଧ ଏହା ଗୋଟିଏ ଦିନ ବି ଛାତ୍ରୀଛାତ୍ରଙ୍କ କାର୍ଯ୍ୟରେ ନ ଆସି ତାଲା ଝୁଲୁଛି। ଫଳରେ ସ୍କୁଲରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଓ ଛାତ୍ରୀମାନେ ବାଧ ହୋଇ ବାହାରକୁ ଶୌଚ ହେବାକୁ ଯାଇଥାନ୍ତି। ଯାହା ମହିଳାମାନଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠୁଥିବା ଅଭିଭାବକ କହିଛନ୍ତି। ଅନ୍ୟପକ୍ଷରେ କେଉଁ ଉଦ୍ଦେଶ୍ୟରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଗୋଟିଏ ବିଦ୍ୟାଳୟରେ ୪ଟି ଶୌଚାଳୟ ନିର୍ମାଣ କରାଯାଇଛି, ତାହା ତଦନ୍ତ ସାପେକ୍ଷ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

୧୯୯୪ ମସିହାରେ ଏହି ବିଦ୍ୟାଳୟ ନିର୍ମାଣ କରାଯାଇଥିଲା। ମରାମତି ଅଭାବରୁ ବିଦ୍ୟାଳୟ କୋଠରି ଶୋଚନୀୟ ହୋଇ ପଡ଼ିଛି। ସ୍କୁଲର ଉନ୍ନତିକରଣ ପାଇଁ ଅନେକ ଥର ବିଲ୍ କରାଯାଇ ନିମ୍ନମାନର କାମ କରି ଟଙ୍କା ହଡ଼ପ କରାଯାଉଥିବା ଅଭିଯୋଗ ହୋଇଛି। କିନ୍ତୁ ବିଦ୍ୟାଳୟର କୌଣସି ଉନ୍ନତି କରାଯାଉ ନ ଥିବା ସ୍କୁଲ ପରିଚାଳନା କମିଟି ସଭାପତି କହିଛନ୍ତି । ସରକାରୀ ନିୟମ ଅନୁଯାୟୀ ବିଦ୍ୟାଳୟର ସମସ୍ତ ଉନ୍ନତିକରଣ କାର୍ଯ୍ୟ ସଭାପତି ଜାଣିବା ଆବଶ୍ୟକ ଥିଲେ ମଧ ସ୍କୁଲର ପ୍ରଧାନଶିକ୍ଷକ କେ. ଅନନ୍ତ ବେହେରା ମନଇଚ୍ଛା କାର୍ଯ୍ୟ କରୁଥିବା ସେ ଅଭିଯୋଗ କରିଛନ୍ତି। ଏପରିକି କିଛିଦିନ ତଳେ ବିଦ୍ୟାଳୟ ମରାମତି କାମରେ ସେ ସ୍କୁଲ ପିଲାଙ୍କୁ ନିୟୋଜିତ କରିଥିବାବେଳେ କାନ୍ଥ ପଡି ଜଣେ ଛାତ୍ରଙ୍କ ଗୋଡ଼ ଭାଙ୍ଗି ଯାଇଥିଲା। ପ୍ରଧାନଶିକ୍ଷକ ସ୍କୁଲର ଛାତ୍ରୀମାନଙ୍କୁ ଅନେକ ସମୟରେ ଦୁର୍ବ୍ୟବହାର କରୁଥିବା ଜଣେ ଅଭିଭାବକ ଯାନୀ ଶ୍ରୀଦେବି ଅଭିଯୋଗ କରିଛନ୍ତି। ତେଣୁ ପ୍ରଧାନଶିକ୍ଷକଙ୍କୁ ତୁରନ୍ତ ଅନ୍ୟତ୍ର ବଦଳି ପାଇଁ ଅଭିଭାବକମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ ପ୍ରତ୍ୟକ ମାସରେ ସିଆରସି ବିଦ୍ୟାଳୟ ପରିଦର୍ଶନ କରି କିପରି ସବୁ ଠିକ୍ ଅଛି ବୋଲି ରିପୋର୍ଟ ଦେଉଛନ୍ତି ତାହା ତଦନ୍ତ ସାପେକ୍ଷ ବୋଲି ବୁଦ୍ଧିଜୀବୀ କହିଛନ୍ତି। ଏ ନେଇ ପ୍ରଧାନ ଶିକ୍ଷକ କେ. ଅନନ୍ତ ବେହେରାଙ୍କୁ ପଚାରିବାରୁ ଲୋକେ ତ ଅଭିଯୋଗ କରିବେ ଲୋକଙ୍କ ପାଇଁ ବିଦ୍ୟାଳୟ ବଦନାମ ହେଉଛି ବୋଲି ସେ କହିଛନ୍ତି। ରାୟଗଡା ବ୍ଲକ ଶିକ୍ଷା ଅଧିକାରୀ ସୁଦୀପ୍ତ ଦାସଙ୍କୁ ପଚାରିବାରୁ ପ୍ରଧାନଶିକ୍ଷକ ଛାତ୍ରୀମାନଙ୍କୁ ଦୁର୍ବ୍ୟବହାର ବିଷୟରେ କିଛି ଅଭିଯୋଗ ଆସିନାହିଁ। ତେବେ ଘଟଣାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ଏ ନେଇ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କୁ ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ।

## ଦୁର୍ଘଟଣାରେ ୪ ଗୁରୁତର

ପାପଡାହାଣ୍ଡି, (ସ୍ୱପ୍ନଜିତ ପଟ୍ଟନାୟକ)- ପାପଡାହାଣ୍ଡି ବ୍ଲକ କଣ୍ଡାମାଳ ପଞ୍ଚାୟତ ରଣ୍ଡାଗୁଡାରେ ଶନିବାର ସଡ଼କ ଦୁର୍ଘଟଣାରେ ୪ଜଣ ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ପାପଡାହାଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ର ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ କୋଡ଼ିଙ୍ଗା ପଞ୍ଚାୟତ ଅଧୀନ ଡୁମାଦେଇ ଗ୍ରାମର ଭୀମ ଯାନୀ, ସ୍ୱାତି ଗୌଡ଼, ଡାଳିମ୍ବ ଗୌଡ଼ ଏକ ବାଇକ ଯୋଗେ ପାପଡ଼ାହାଣ୍ଡି ବ୍ଲକ କଣ୍ଡାମାଳ ପଞ୍ଚାୟତ ବଛକରି ଗ୍ରାମକୁ ଯାଉଥିଲେ। ଏହି ସମୟରେ କଣ୍ଡାମାଳ ପଞ୍ଚାୟତ ରଣ୍ଡାଗୁଡା ଗ୍ରାମରେ ବଛକରି ଗ୍ରାମର ସେବତୀ ଗୌଡ଼ ନିଶାପାନ କରି ରାସ୍ତା କଡ଼ରେ ନାଚୁଥିଲେ। ବାଇକଟି ଭାରସାମ୍ୟ ହରାଇ ସେବତୀଙ୍କୁ ଧକ୍କାଦେଇଥିଲା। ଏଥିରେ ଚାରି ଜଣ ରାସ୍ତା କଡ଼ରେ ଛିଟିକି ପଡିଥିଲେ। ଗୁରୁତରଙ୍କୁ ପାପଡାହାଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସେମାନେ ସୁସ୍ଥ ଅଛନ୍ତି।

**ସଂକ୍ଷେପରେ**

## ଆୟୁଷ୍ମାନ ଭବ ଅଭିଯାନରେ ସ୍ୱାସ୍ଥ୍ୟମେଳା



ନବରଙ୍ଗପୁର, ୨୩।୯ (ସଦାଶିବ ପ୍ରହରାଜ)

ଆୟୁଷ୍ମାନ ଭବ ଅଭିଯାନରେ ନବରଙ୍ଗପୁର ଜିଲାରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଛି। ଏହି କ୍ରମରେ ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଛି। ନବରଙ୍ଗପୁର ପୌରପାଳିକାରେ ଥିବା ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ଏହି ସ୍ୱାସ୍ଥ୍ୟମେଳା କରାଯାଇଛି। ଏଥିରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ୨୫୩ ଜଣଙ୍କୁ ଥଣ୍ଡା, ଜ୍ୱର, କାଶ ସହିତ ଉଚ୍ଚ ରକ୍ତଚାପ ଓ ମଧୁମେହ ରୋଗୀଙ୍କ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ଏଥିସହ ୬୭ ନୂଆ ଉଚ୍ଚ ରକ୍ତଚାପ ରୋଗୀ ଓ ୭୭ ଜଣ ମଧୁମେହ ରୋଗୀଙ୍କୁ ଚିହ୍ନଟ କରାଯାଇଛି। ଡାକ୍ତରଙ୍କ ଦ୍ୱାରା ଉପଯୁକ୍ତ ଯାଞ୍ଚ ପରେ ମାଗଣାରେ ଔଷଧ ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟମେଳାରେ ପୌରପାଳିକା ଓ ନବରଙ୍ଗପୁର ସହର ଆଖପାଖ ଅଞ୍ଚଳର ରୋଗୀମାନେ ଆସି ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହ ଆବଶ୍ୟକ ପରାମର୍ଶ ଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ପୌରାଧ୍ୟକ୍ଷ କୁନୁ ନାୟକ, ସିଡିଏମ୍‌ଓ କାଳୀପ୍ରସାଦ ବେହେରା, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ନବକିଶୋର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ପୃଥକ୍ ଦୁର୍ଘଟଣାରେ ୩ ଆହତ

ଡାବୁଗାଁ, ୨୩।୯ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁରେ ଶନିବାର ପୃଥକ୍ ଦୁର୍ଘଟଣାରେ ୩ଜଣ ଆହତ ହୋଇଛନ୍ତି। ସେମାନେହେଲେ ଉମରକୋଟ ଡଙ୍ଗରିସାହିର ବନମାଳୀ ହରିଜନ (୫୨), ରାଇଘର ଥାନା ଅଞ୍ଚଳର ସୋନୁଜାନୀ (୪୫) ଓ ଧୋବା ଜାନୀ (୩୮)। ସୂଚନାନୁଯାୟୀ, ଶନିବାର ସନ୍ଧ୍ୟାରେ ଡାବୁଗାଁ- ଉମରକୋଟ ମୁଖ୍ୟ ରାସ୍ତାରେ ଖଲିଆଗୁଡା ଛକ ନିକଟ ବୁଲାଣି ପାଖରେ ଏକ ଟ୍ରକ (ଓଡ଼ି-୩୫ଜି-୧୨୮୯) ରାସ୍ତା କଡରେ ଛିଡ଼ାହୋଇଥିଲା। ପଛପଟୁ ବନମାଳୀ ବାଇକ୍ (ଓଡି-୨୪ବି-୫୫୩୦)ରେ ଆସି ଟ୍ରକ୍‌କୁ ଧକ୍କା ଦେଇ ଆହତ ହୋଇଛନ୍ତି। ଖବରପାଇ ଡାବୁଗାଁ ଅଗ୍ନିଶମ କର୍ମଚାରୀ ସେଠାରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାବୁଗାଁ ଥାନା ଏଏସ୍‌ଆଇ ସୀମାଞ୍ଚଳ ମହାରଣା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି। ସେହିପରି ସୋନୁ ଓ ଧୋବା ନବରଙ୍ଗପୁରରୁ ରାଇଘର ଅଭିମୁଖେ ଏକ ମୋଟର ସାଇକେଲ ନଂ (ଓଡି-୨୪ଡି-୮୦୪୪) ଯୋଗେ ଆସୁଥିବାବେଳେ ବାଗିଗୁଡା ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତା ଉପରେ ପଡି ଆହତ ହୋଇଥିଲେ। ସେମାନେ ନିଜେନିଜେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ।

## ଦୁର୍ଗା ପୂଜା ପ୍ରସ୍ତୁତି ବୈଠକ

ଡାବୁଗାଁ, ୨୩।୯ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ଦୁର୍ଗା ପୂଜା ମଣ୍ଡପରେ ଚଳିତ ବର୍ଷ ଦୁର୍ଗା ପୂଜା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଚଳିତ ବର୍ଷ ପୂଜା କିପରି ସୂଚାରୁ ରୂପେ ପାଳନ କରାଯିବ ସେ ନେଇ ନୂତନ କମିଟି ଗଠନ କରାଯାଇଥିଲା। ଏଥିରେ ପ୍ରାୟ ୪୦ ରୁ ଉର୍ଦ୍ଧ୍ୱ ଲୋକେ ଉପସ୍ଥିତ ଥିଲେ।

# ନବରଙ୍ଗପୁରରେ ନାହିଁ ପୂର୍ଣ୍ଣାଙ୍ଗ ଷ୍ଟାଡିୟମ, କ୍ରୀଡ଼ା ଛାତ୍ରାବାସ

ନବରଙ୍ଗପୁର, ୨୩।୯ (ସଦାଶିବ ପ୍ରହରାଜ)

**ରାଜ୍ୟ, ଜାତୀୟସ୍ତରରେ ଯୁବତୀ ଯୁବକଙ୍କୁ ମିଳୁନି ସୁଯୋଗ**

ନବରଙ୍ଗପୁର ଭଳି ଆଦିବାସୀ ବହୁଳ ଜିଲାରେ ଯୁବବର୍ଗଙ୍କ ମଧ୍ୟରେ ଖେଳୁଆଡ ମନୋଭାବ ଭରି ରହିଛି। କିନ୍ତୁ ସେମାନଙ୍କୁ ସୁଯୋଗ ମିଳୁନାହିଁ। ଜିଲାର ଅଧିକାଂଶ ଯୁବତୀଯୁବକ ଫୁଟ୍‌ବଲ, ଭଲିବଲ ଓ କ୍ରିକେଟରେ ଉତ୍ତମ ପ୍ରଦର୍ଶନ କରିଆସୁଛନ୍ତି। ଜିଲାରୁ ରାଜ୍ୟ ଓ ଜାତୀୟସ୍ତର ଫୁଟ୍‌ବଲ ଖେଳରେ ଭାଗ ନେଇଥିବା ଯୁବତୀ ଯୁବକ ଭଲ ପ୍ରଦର୍ଶନ କରିଛନ୍ତି। ତେବେ ଯେଉଁ ଅନୁପାତରେ ଗାଁ ଗଣ୍ଡାରେ କ୍ରୀଡ଼ାବିତ୍ ରହୁଛନ୍ତି ସେହି ଅନୁପାତରେ ସେମାନଙ୍କୁ ସୁଯୋଗ ମିଳିପାରୁ ନାହିଁ। ହାଇସ୍କୁଲସ୍ତରରେ ଯାହା କିଛି ଛାତ୍ରୀଛାତ୍ରଙ୍କୁ ଖେଳ ପାଇଁ ସୁଯୋଗ ମିଳୁଛି। ଜିଲାର ଯେଉଁ କିଛି କିଶୋରୀ, କିଶୋର ଓ ଯୁବବର୍ଗଙ୍କୁ ରାଜ୍ୟ ଓ ଜାତୀୟ ସ୍ତରରେ ସୁଯୋଗ ମିଳୁଛି ସେମାନେ କେଣସି ନା କେଣସି ଛାତ୍ରାବାସରେ ରହି ଅଭ୍ୟାସ କରୁଥିବା ଦେଖାଦେଇଛି। ନିକଟରେ ତେନ୍ତୁଳିଖୁଣ୍ଟି ବ୍ଲକର କାମତା ଗାଁର ୩ଜଣ ଛାତ୍ର ୧୪, ୧୭ ଓ ୧୯ ବର୍ଷ ମଧ୍ୟରେ ଜାତୀୟ ଫୁଟବଲ୍ ଦଳରେ ଖେଳିବାପାଇଁ ସ୍ଥାନ ପାଇଛନ୍ତି। ତେବେ ସେମାନେ ଭବାନୀପାଟଣା ଛାତ୍ରାବାସରେ ରହି କ୍ରୀଡ଼ାଭ୍ୟାସ କରୁଥିଲେ। ସେହିପରି ଜିଲାର ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଭବାନୀପାଟଣା, କୋରାପୁଟ, ଫୁଲବାଣୀ ଓ ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସରେ ରହି ଅଭ୍ୟାସ କରି ବିଭିନ୍ନ ରାଜ୍ୟ ଓ ଜାତୀୟ ସ୍ତରରେ ଖେଳିବା ପାଇଁ ସୁଯୋଗ ପାଇଛନ୍ତି। ଯଦି ପଡ଼ୋଶୀ କୋରାପୁଟ ଓ ଭବାନୀପାଟଣାରେ କ୍ରୀଡ଼ା ଛାତ୍ରାବାସ ହୋଇପାରିଲା ତେବେ ନବରଙ୍ଗପୁର ଭଳି ଆଦିବାସୀ ବହୁଳ ଜିଲାରେ କାହିଁକି ଏକ ଛାତ୍ରାବାସ ହୋଇପାରିବ ନାହିଁ ବୋଲି କ୍ରୀଡ଼ାବିତ୍‌ମାନେ ଦାବି କରିଛନ୍ତି। ଅଞ୍ଚଳବାସୀ ଏବେବି କ୍ରୀଡ଼ା ଛାତ୍ରାବାସ ଓ ଜିଲା ସଦର ମହକୁମାରେ ଏକ ଅତ୍ୟାଧୁନିକ ପୂର୍ଣ୍ଣାଙ୍ଗ ଷ୍ଟାଡିୟମ ନିର୍ମାଣ ଦାବି କରି ଆସିଛନ୍ତି।

ଜିଲା ସଦର ମହକୁମାରେ ୨୦୦୦ ମସିହାରେ ନବରଙ୍ଗପୁର ସଦର ମହକୁମାରେ ଷ୍ଟାଡିୟମ ସ୍ଥାପିତ ହୋଇଥିଲା। ଏ ମଧ୍ୟରେ ଷ୍ଟାଡିୟମ ସ୍ଥାପିତ ହୋଇ ୨୩ ବର୍ଷ ବିତିଯାଇଥିଲେ ମଧ୍ୟ ଷ୍ଟାଡିୟମର ଆଶାନୁରୂପ ବିକାଶ ହୋଇପାରି ନାହିଁ। ନୂଆ ଷ୍ଟାଡିୟମ ନିର୍ମାଣ ହେବା ପରଠାରୁ ସେଠାରେ ଜିଲାସ୍ତରୀୟ ସ୍ୱାଧୀନତା ଓ ସାଧାରଣତନ୍ତ୍ର ଦିବସ ପାଳନ ହୋଇ ଆସୁଅଛି। କେବଳ ଜାତୀୟ ଦିବସ ପାଳନକୁ ଛାଡ଼ିଦେଲେ ଆଉ କୌଣସି ପ୍ରତିଯୋଗିତା ହୋଇପାରୁ ନାହିଁ। ଏବେ ଷ୍ଟାଡିୟମ କହିଲେ ଖେଳ ପଡ଼ିଆର ଚାରିପଟେ ପାଚେରି ଓ ଗୋଟିଏ ଇନ୍‌ଡୋର ହଲ୍ ନିର୍ମାଣ ହୋଇଛି। ଉକ୍ତ ହଲ୍‌ରେ କେବଳ ବ୍ୟାଡ୍‌ମିଣ୍ଟନ ଖେଳ ହିଁ ହୋଇପାରୁଛି। ଏହା ବ୍ୟତୀତ ଭଲିବଲ୍, ଫୁଟ୍‌ବଲ, ହକି, କ୍ରିକେଟ ଆଦି ଖେଳ ପଡ଼ିଆର ବିକାଶ ହୋଇପାରି ନାହିଁ। ବର୍ଷା ହେଲେ ଷ୍ଟାଡିୟମ ମଧ୍ୟରେ ପାଣି ଜମୁଛି। ପାଣି ନିଷ୍କାସନ ହୋଇପାରୁ ନାହିଁ। ଜିଲା ଗଠନ ହେବାର ପ୍ରାୟ ୩୦ ବର୍ଷ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଏକ ପୂର୍ଣ୍ଣାଙ୍ଗ ଷ୍ଟାଡିୟମ ନ ଥିବାରୁ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କେବଳ ନବରଙ୍ଗପୁର ଷ୍ଟାଡିୟମ ନୁହେଁ ସହର ମଧ୍ୟରେ ଥିବା ଆର୍‌ସିଡି ହାଇସ୍କୁଲ ପଡିଆର ମଧ୍ୟ ବିକାଶ ହୋଇପାରି ନାହିଁ । ଏଣୁ ଜିଲାର କ୍ରୀଡ଼ା ବିକାଶ ପାଇଁ ଆବଶ୍ୟକ ଅର୍ଥ ଯୋଗାଇ ଦିଆଯାଇ କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିବା ସହ ଷ୍ଟାଡିୟମକୁ ଏକ ପୂର୍ଣ୍ଣାଙ୍ଗ ଷ୍ଟାଡିୟମରେ ପରିଣତ କରିବା ପାଇଁ କ୍ରୀଡ଼ାବିତ୍‌ମାନେ ଦାବି କରିଛନ୍ତି। ରାଜ୍ୟ କ୍ରୀଡ଼ା ବିଭାଗ ଜନସାଧାରଣ ଓ ଖେଳାଳିଙ୍କ ଦାବିକୁ ପ୍ରାଧାନ୍ୟ ଦେବାକୁ ବୁଦ୍ଧିଜୀବୀ ନିବେଦନ କରିଛନ୍ତି।

## ସ୍କୁଲରେ 'ଆମେ ଜାଣିବା ଆମେ ଜିଣିବା' କାର୍ଯ୍ୟକ୍ରମ




ଛାତ୍ରୀଛାତ୍ରଙ୍କ ସହ ଅନ୍ୟମାନେ।

କୁଡୁମୁଲୁଗୁମ୍ମା, ୨୩।୯ (ସୁଜିତ ପଟ୍ଟନାୟକ)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳ ପଣସପୁଟ ପଞ୍ଚାୟତ ସଦରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର 'ଆମେ ଜାଣିବା ଆମେ ଜିଣିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚିତ୍ରକୋଣ୍ଡା ସାମାଜିକ ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ବାଉରି ମୁଖ୍ୟ ଅତିଥି, ପଞ୍ଚାୟତ ନିର୍ବାହୀ ଅଧିକାରୀ ରାମେଶ୍ୱର ପୂଜାରୀ, ଜିଲା ପଞ୍ଚାୟତ ଅଧିକାରୀ ରଜନିକାନ୍ତ ଦାଶ, ସୁଧାକର ମଣ୍ଡଳ ଓ ଆନନ୍ଦ ମଣ୍ଡଳ ପ୍ରମୁଖ ଅତିଥିଭାବେ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ପଣସପୁଟ ସରପଞ୍ଚ ଅର୍ଜୁନ ହନ୍ତାଳ ଓ ଗୋରା ସେତୁଠାରେ ଅବସ୍ଥାପିତ ସୀମା ସୁରକ୍ଷା ବାହିନୀର ଅଧିକାରୀ ଯୋଗଦେଇଥିଲେ। ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମ ବିଷୟରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସମସ୍ତ ଛାତ୍ରୀଛାତ୍ର ଏବଂ ଉପସ୍ଥିତ ଅଭିଭାବକଙ୍କୁ ଅବଗତ କରାଇଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପଣସପୁଟ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# 'ସରକାର ପେନ୍‌ସନ ନ ଦେଲେ ଆନ୍ଦୋଳନ ତୀବ୍ର ହେବ'



ଦାବି ଜଣାଉଥିବା ଶିକ୍ଷକ ସଂଘ କର୍ମଚାରୀମାନେ।

ନବରଙ୍ଗପୁର, ୨୩।୯ (ସଦାଶିବ ପ୍ରହରାଜ)

**୨୬ରୁ ବ୍ଲକଗ୍ରାଣ୍ଟ ମାଧ୍ୟମିକ ଶିକ୍ଷକ, କର୍ମଚାରୀ ସଂଘର ଆମରଣ ଅନଶନ**

ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ବ୍ଲକଗ୍ରାଣ୍ଟ ମାଧ୍ୟମିକ ଶିକ୍ଷକ ଓ କର୍ମଚାରୀ ସଂଘର ସଦସ୍ୟମାନେ ୨୬ ତାରିଖ ମଙ୍ଗଳବାର ଆମରଣ ଅନଶନରେ ବସିବେ। ଏ ସଂକ୍ରାନ୍ତରେ ରାଜ୍ୟ ସଂଘ ପକ୍ଷରୁ ଜିଲା ସଙ୍ଘଗୁଡ଼ିକ ସହ ଆଲୋଚନା ପରେ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ରାଜ୍ୟରେ ୨୬୦୮ ନୂତନ ଅନୁଦାନପ୍ରାପ୍ତ ମାଧ୍ୟମିକ ବିଦ୍ୟାଳୟରେ ପ୍ରାୟ ୩୫ ହଜାର ଶିକ୍ଷକ ଓ କର୍ମଚାରୀ କାର୍ଯ୍ୟରତ। ସେଥିମଧ୍ୟରୁ ଏଯାଏ ୨୦ ପ୍ରତିଶତ ଅର୍ଥାତ୍ ହାରାହାରି ୫ ହଜାର ଶିକ୍ଷକ ଅବସର ଗ୍ରହଣ କରିସାରିଛନ୍ତି। ଅବସର ପରେ ଏ ବର୍ଗର ଶିକ୍ଷକ, କର୍ମଚାରୀଙ୍କୁ ରାଜ୍ୟ ସରକାର କୌଣସି ସାମାଜିକ ସୁରକ୍ଷା ଓ ପେନ୍‌ସନ ପ୍ରଦାନ କରନ୍ତିନାହିଁ। ଅବସର ପରେ ଶିକ୍ଷକମାନେ ନିଜ ପରିବାର ପ୍ରତିପୋଷଣ ପାଇଁ ପରିବା, ଚା' ଦୋକାନ, ଚାଷ ଓ ଶ୍ରମିକ କାମ କରୁଛନ୍ତି। ଶିକ୍ଷକ ଓ କର୍ମଚାରୀ ଦୀର୍ଘ ୩୫ ବର୍ଷ ଧରି କାର୍ଯ୍ୟ କରିସାରିବା ପରେ ମଧ୍ୟ ସରକାର ଏମାନଙ୍କ ପ୍ରତି ଅବିଚାର କରିଚାଲିଛନ୍ତି ବୋଲି ନବରଙ୍ଗପୁର ଜିଲା ସଭାପତି ରାମଚନ୍ଦ୍ର ଦାଶ କ୍ଷୋଭର ସହ କହିଛନ୍ତି। ରାଜ୍ୟ ସଂଘ ନିଷ୍ପତ୍ତି କ୍ରମେ ଆସନ୍ତା ୨୬ ତାରିଖ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ନବରଙ୍ଗପୁର ଜିଲା ପକ୍ଷରୁ ବ୍ଲକ ଗ୍ରାଣ୍ଟ ମାଧ୍ୟମିକ ଶିକ୍ଷକ ଓ କର୍ମଚାରୀ ଆମରଣ ଅନଶନରେ ଯୋଗ ଦେବେ ବୋଲି ଜିଲା ସଂଘ ସମ୍ପାଦକ କାଶୀନାଥ ମହାନ୍ତି ସୂଚନା ଦେଇଛନ୍ତି । ଆମରଣ ଅନଶନରେ ଯଦି କେହି ମୃତାହତ ହୁଅନ୍ତି ସେଥିପ୍ରତି ରାଜ୍ୟ ସରକାର ଦାୟୀ ରହିବେ ବୋଲି ଉପସଭାପତି ଭୁଭୁତି ଭୂଷଣ ବରାଳ ଚେତାବନୀ ଦେଇଛନ୍ତି। ସରକାର ତୁରନ୍ତ ଏହି ବର୍ଗର ଶିକ୍ଷକ ଓ କର୍ମଚାରୀଙ୍କୁ ପେନସନ ଦିଅନ୍ତୁ ନଚେତ ଆନ୍ଦୋଳନ ତୀବ୍ର ହେବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କଲା ପୋଲିସ

ତେନ୍ତୁଳିଖୁଣ୍ଟି, ୨୩।୯ (ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ଖାତିଗୁଡା ଥାନା ଅଧୀନ ଲାଉଗୁଡା ରାସ୍ତା ପାର୍ଶ୍ୱରେ ସରକାରଙ୍କ ପକ୍ଷରୁ ଯୋଗେଇ ଦିଆଯାଇଥିବା ଜେଏମ୍‌ସି ପାଣିପାଇପ ଲାଇନ ଏୟାର ଭାଲ ୱାଲଠାରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଖାତିଗୁଡା ପୋଲିସ ଜବତ କରିଛି । ମୃତକଙ୍କ ପରିଚୟ ମିଳିପାରିନାହିଁ। ନନ୍ଦାହାଣ୍ଡି ଉପାଧ୍ୟକ୍ଷ ସଦନ ଗୌଡ଼, ଏବଂ ନନ୍ଦାହାଣ୍ଡି ବ୍ଲକ ଯୁବ ବିଜେଡି ସଭାପତି ପୁରନ୍ଦର ଭତ୍ରା ଘଟଣାକୁ ନେଇ ଖାତିଗୁଡା ପୋଲିସରେ ଲିଖିତ ଅଭିଯୋଗ କରିଥିଲେ। ଖାତିଗୁଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ଏହା ଆତ୍ମହତ୍ୟା ନା ହତ୍ୟା ପୋଲଇସ ତାହାର ତଦନ୍ତ ଚଳାଇଛି।

## ପଞ୍ଚାୟତସ୍ତରୀୟ ନୂଆଁଖାଇ ଭେଟଘାଟ

ଚନ୍ଦାହାଣ୍ଡି, ୨୩।୯ (ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ପାଟଖଲିଆ ପଞ୍ଚାୟତ ଅଧୀନ ବଇଦପଡ଼ା ବଜାର ପଡ଼ିଆରେ ପଞ୍ଚାୟତସ୍ତରୀୟ ନୂଆଁଖାଇ ଭେଟଘାଟ କରାଯାଇଛି। ଏଥିସହ ପଞ୍ଚାୟତସ୍ତରୀୟ ଆଦିବାସୀ ସଂଘ ଗଠନ ଓ କର୍ମକର୍ତ୍ତା ଚୟନ କରାଯାଇଛି। ପ୍ରଥମେ ଗ୍ରାମ୍ୟ ମାଟି ମାଁ ନିକଟରେ ପରମ୍ପରା ରୀତିନୀତିରେ ହରିସିଂ ପୂଜାରୀ ଓ ମଣିରାମ ପୂଜାରୀ ପୂଜାର୍ଚ୍ଚନା କରିବା ପରେ ବୈଠକ ଆରମ୍ଭ କରାଯାଇଥିଲା। ଉପସ୍ଥିତ ସମସ୍ତେ କୁରେ ପତ୍ରରେ ନୂଆଁଖାଇ ପରସ୍ପରକୁ ଜୁହାର ଭେଟ ହେଇଥିଲେ। ସର୍ବ ସହମତି କ୍ରମେ ପଞ୍ଚାୟତ ସଭାପତିଭାବେ ଡମ୍ବରୁ ଧର ମାଝିଙ୍କୁ ଚୟନ କରାଯାଇଛି। ଏଥିସହ ଗଗନେ ମାଝି ଉପସଭାପତି, ଦୁର୍ଯ୍ୟୋଧନ ନାୟକ ସମ୍ପାଦକ, ଆନ୍ଦୁ ସାନ୍ତା ସହ ସମ୍ପାଦକ ଓ କୋଷାଧ୍ୟକ୍ଷଭାବେ ଆମର ସିଂ ପୋଟାଙ୍କୁ ଚୟନ କରାଯାଇଥିଲା। ମାଳି,ରଣା ଓ କୁଡ଼ମିଙ୍କୁ ଆଦିବାସୀ ମାନ୍ୟତା ପ୍ରତିବାଦରେ ବ୍ଲକ ଓ ଜିଲାସ୍ତରରେ ଦାବିପତ୍ର ପ୍ରଦାନ କରାଯିବ ବୋଲି ସମସ୍ତେ ମତ ଦେଇଥିଲେ। ସମାଜରେ ନାରୀ ଶିକ୍ଷା, ବାଲ୍ୟ ବିବାହ ପ୍ରଥାକୁ ବନ୍ଦ କରିବା ଦିଗରେ ପଦକ୍ଷେପ ନେବାକୁ ସମସ୍ତେ ଆଲୋଚନା କରିଥିଲେ। ଉକ୍ତ ବୈଠକରେ ହର ପୂଜାରୀ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଡମ୍ବରୁ ଧର ମାଝି ଧନ୍ୟବାଦ ଦେଇଥିଲେ।

## ସେମିନାର, ସ୍ୱାଗତ ସମାରୋହ ଉତ୍ସବ




ମଞ୍ଚାସୀନ ଅତିଥିମାନେ।

ଉମରକୋଟ, ୨୩।୯ (ସନ୍ତୋଷ ଶତପଥୀ)

ଉମରକୋଟ ପେଣ୍ଡ୍ରାଣୀ ଡିଗ୍ରୀ ମହାବିଦ୍ୟାଳୟ ପ୍ରଥମ ବଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ଏକ ସେମିନାର କରାଯାଇଛି। ଭାରତର ଅର୍ଥନୈତିକ ପ୍ରଗତିରେ ବିତୀୟ ଅନୁଷ୍ଠାନ ଗୁଡିକର ପ୍ରମୁଖ ଭୂମିକା ଶୀର୍ଷକ ସେମିନାର କରାଯାଇଛି। ପେଣ୍ଡ୍ରାଣୀ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ଼. ଅନିତା ମାଝି ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଉଦବୋଧନ ଦେଇଥିଲେ। ଓଡ଼ିଆ ବିଭାଗ ପ୍ରାଧ୍ୟାପକ ଡ଼. ଶେଷାନନ୍ଦ ମିଶ୍ର, ପ୍ରାଧ୍ୟାପକ ଦିବାକର ପଟ୍ଟନାୟକ, ଅଧ୍ୟାପକ ରାମଶଙ୍କର ପଟ୍ଟନାୟକ, ପ୍ରଦୋଷ ପଟ୍ଟନାୟକ ଓ ଆଦୁ କିଷାନ ମତ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଉଦ୍ଧବ, କିରନ, ପୁଷ୍ପା, ସୌରଭ, ସନାତନ ନିଜ ସନ୍ଦର୍ଭ ପାଠ କରିଥିଲେ। ଡ଼.ରବୀନ୍ଦ୍ର ମିଶ୍ର ତାଙ୍କ ଅଭି ଭାଷଣରେ ବିତିୟ ଅନୁଷ୍ଠାନ ଗୁଡିକର ସୁପରିଚାଳନା ଦ୍ୱାରା ଭାରତ ଅର୍ଥନୀତିରେ କିପରି ବିଶ୍ୱରେ ପଞ୍ଚମ ସ୍ଥାନ ଅଧିକାର କରିଛି ସେ ବିଷୟରେ ବିସ୍ତୃତଭାବେ ପିଲାଙ୍କୁ ବୁଝାଇ ଥିଲେ। ଇଂରାଜୀ ଅଧ୍ୟାପିକା କୁମାରୀ ଗାୟତ୍ରୀ ବିଷୋୟୀ ଓ ଓଡ଼ିଆ ଅଧ୍ୟାପିକା ରତୁ ଦୋରା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାଧ୍ୟାପକ ତଥା ବିଭାଗର ମୁଖ୍ୟ ଡ଼.ରବୀନ୍ଦ୍ର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅର୍ଥନୀତି ବିଭାଗ ଅଧ୍ୟାପକ ଅଶୋକ କୁଜୁର, ଚାନ୍ଦିନୀ ପାତ୍ର ଏଥିରେ ସହଯୋଗ କରିଥିଲେ।

## ମୁଖ୍ୟ ଅଭିଯୁକ୍ତ, ୩ ସହଯୋଗୀ ଗିରଫ

କୋଡିଙ୍ଗା, ୨୩।୯ (ସମରେନ୍ଦ୍ର ପଟ୍ଟନାୟକ)

**ସାମାନ୍ୟ ବଚସାରୁ ଗଳାକାଟି ହତ୍ୟା ମାମଲା**

ସାମାନ୍ୟ ବଚସାକୁ ନେଇ ଘଟିଥିବା ଏକ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଓ ତାଙ୍କ ୩ ସହଯୋଗୀଙ୍କୁ ଶନିବାର କୋଡିଙ୍ଗା ପୋଲିସ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଚଟ୍ଟାହାଣ୍ଡି ଗ୍ରାମର ପୂର୍ଣ୍ଣ ହରିଜନ(୩୨), ତାଙ୍କ ସହଯୋଗୀ ଈଶ୍ୱର ହରିଜନ, ଶୁକୃ ହରିଜନ ଓ ତୁଳେଶ୍ୱର ହରିଜନ। ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ ଅଧିକ ତଦନ୍ତ ଚାଲିଛି ବୋଲି କୋଡିଙ୍ଗା ଥାନାଧିକାରୀ ଯୁଗଳ ଶବର ସୂଚନା ଦେଇଛନ୍ତି ।

ପ୍ରକାଶ ଯେ, ଗୁରୁବାର ରାତ୍ରି ପ୍ରାୟ ୮ଟାରେ ହରିଶ୍ଚନ୍ଦ୍ର ମାଝିଗୁଡ଼ା ଗ୍ରାମର ମହାଦେବ ଭତରା ଓ ତାଙ୍କର ସମ୍ପର୍କୀୟ ଯାଉଥିବା ବାଇକ୍ ହେଡ୍‌ଲାଇଟ ଅଭିଯୁକ୍ତ ପୂର୍ଣ୍ଣ ହରିଜନ ଉପରେ ପଡିବା ପରେ ଏହାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। କିଛି ସମୟପରେ ମହାଦେବ ନିଜ ସମ୍ପର୍କୀୟଙ୍କୁ ସାଙ୍ଗରେ ନେଇ ପୂର୍ଣ୍ଣ ହରିଜନଙ୍କ ଘରକୁ ଯାଇ ପୁଣି ଥରେ ଝଗଡ଼ା କରିଥିଲେ। ପୂର୍ଣ୍ଣ, ତାଙ୍କ ସହଯୋଗୀ ଓ ପରିବାର ଲୋକେ ବିଭିନ୍ନ ମାରଣାସ୍ତ୍ରରେ ମହାଦେବ ଓ ତାଙ୍କ ସମ୍ପର୍କୀୟଙ୍କ ଉପରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ହିଁ ମହାଦେବଙ୍କର ମୃତ୍ୟୁ ହୋଇଯାଇଥିଲା। ନାରାୟଣ ଭତରାଙ୍କୁ ଗୁରୁତର ଅବସ୍ଥାରେ କୋରାପୁଟ ସ୍ଥାନାନ୍ତର କରାଯାଇଥିବାବେଳେ ସୋମନାଥ ଭତରା ଓ ବୁଦୁରାମ ଭତରା ଆହତ ହୋଇଥିଲେ। ଚଟ୍ଟାହାଣ୍ଡିରେ ଗୁରୁବାର ରାତି ଓ ଶୁକ୍ରବାର ଦିନ ତମାମ ଗ୍ରାମରେ ପୋଲିସ ଟିମ୍, ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ମୁତୟନ ଥିଲେ। ଘଟଣା ପରଠାରୁ ମୁଖ୍ୟ ଅଭିଯୁକ୍ତ ପୂର୍ଣ୍ଣ ଫେରାର ଥିଲେ। ଶନିବାର ପୂର୍ଣ୍ଣ ଓ ତାଙ୍କ ସହଯୋଗୀଙ୍କୁ ଗିରଫ କରାଯାଇଛି।

# ଟ୍ରାକ୍ଟରରେ ବୁହା ହେଲେ ଗର୍ଭବତୀ

ଝରିଗାଁ, ୨୩।୯ (କିଶୋର ଚନ୍ଦ୍ର ମଣ୍ଡଳ)

ଗ୍ରାମାଞ୍ଚଳର ବିକାଶ ନେଇ ରାଜ୍ୟ ସରକାର ବିଭିନ୍ନ ଜନହିତକର ଯୋଜନା ଗୁଡିକ କରୁଛନ୍ତି। କିନ୍ତୁ ଏଯାବ୍ ଗ୍ରାମାଞ୍ଚଳରରେ ସେହି ଯୋଜନା ଗୁଡିକରୁ ବଞ୍ଚିତ ହେଉଛନ୍ତି । ଏହା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ଝରିଗାଁ ବ୍ଲକରେ। ଗୁରୁସିଙ୍ଗା ପଞ୍ଚାୟତ ଅଧୀନ ମଇନାପଦର ଗ୍ରାମକୁ ପକ୍କା ରାସ୍ତା ନ ଥିବାରୁ ଜଣେ ଗର୍ଭବତୀଙ୍କୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଟ୍ରାକ୍ଟରରେ ଆଣିବା ପରେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି।

ମଇନାପଦର ଗ୍ରାମର ଭୀମ ଗୌଡ଼ଙ୍କ ସ୍ତ୍ରୀ ସୁକାନ୍ତି ଗୌଡ଼ଙ୍କୁ ଶୁକ୍ରବାର ରାତି ୮ଟାରେ ସମୟରେ ପ୍ରସବ ବେଦନା ହୋଇଥିଲା। ପରିବାର ଲୋକ ସ୍ଥାନୀୟ ଆଶା ବିମଳା ଗୌଡ଼ଙ୍କୁ ଖବର ଦେଇଥିଲେ। ଆଶା ତୁରନ୍ତ ସୁକାନ୍ତି ଘରେ ପହଞ୍ଚି ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଆମ୍ବୁଲାନ୍ସ ତୁରନ୍ତ ମଇନାପଦର ଗ୍ରାମ ଅଭିମୁଖେ ବାହାରିଥିଲା। ତେବେ ରାସ୍ତା ଖରାପ ଯୋଗୁ ଏକ କିଲୋମିଟର ଦୂରରେ ଥିବା ସାପଗନ୍ଧା ଏବଂ ଆମ୍ବାଦୋରା ଗ୍ରାମ ଛକ ନିକଟରେ ଅଟକି ରହିଥିଲା। ପରିବାର ଲୋକ ଏକ ଟ୍ରାକ୍ଟର ଯୋଗେ ଗର୍ଭବତୀ ମହିଳାଙ୍କୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଇଥିଲେ। ପରେ ଆମ୍ବୁଲାନ୍ସରେ ଗୁରୁତର ଅବସ୍ଥାରେ ତାଙ୍କୁ ଝରିଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେଠାରେ ସେ ଏକ ନବଜାତ ଶିଶୁ କନ୍ୟା ଜନ୍ମ ଦେଇଥିଲେ। ଉଭୟ ସୁସ୍ଥ ଥିବା ସୂଚନା ମିଳିଛି। ଶନିବାର ପରିବାର ଲୋକ ଅଟୋ ଯୋଗେ ସୁକାନ୍ତିଙ୍କୁ ଡାକ୍ତରଖାନାରୁ ଆଣିଥିଲେ। ଅଟୋ ମଧ୍ୟ କାଦୁଅ ଯୋଗୁ ଘରୁ କିଛି ଦୂରରେ ଅଟକି ରହିଥିଲା। ଶେଷରେ ସୁକାନ୍ତି ପରିବାର ଲୋକଙ୍କ ସହାୟତାରେ ଚାଲିଚାଲି ଘରକୁ ଯାଇଥିବା ସୂଚନା ମିଳିଛି। ଝରିଗାଁ ବ୍ଲକର ୧୦ ପଞ୍ଚାୟତର ୪୬ ପଡ଼ାଗ୍ରାମକୁ ଭଲ ରାସ୍ତା ଖଣ୍ଡିଏ ନାହିଁ। ଫଳରେ ବର୍ଷା ଦିନରେ ୧୨୨୯ ପରିବାରର ପ୍ରାୟ ୬ହଜାର ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ଉମରକୋଟ, ୨୩।୯ (ସନ୍ତୋଷ ଶତପଥୀ)

ଉମରକୋଟ ବ୍ଲକ ଅଧୀନ ବେହେଡ଼ା ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବିଇଓ ବିକାଶ ଚନ୍ଦ୍ର ସରକାର ମୁଖ୍ୟ ବକ୍ତା, ସମ୍ମାନିତ ଅତିଥିଭାବେ ଉମରକୋଟ ବ୍ଲକ ଅଧ୍ୟକ୍ଷା ସୁଶୀଳା ମାଝି, ସରପଞ୍ଚ ପ୍ରମିଳା ଗଣ୍ଡ, ସଞ୍ଜୟ କୁମାର ସାମଲ, ବିଷ୍ଣୁପ୍ରସାଦ ସାହୁ, ସୁଜିତ କୁମାର ପଟ୍ଟନାୟକ ଓ ବ୍ରଜବନ୍ଧୁ କାଣ୍ଡି ଉପସ୍ଥିତ ରହିଥିଲେ। ବ୍ଲକର ୧୪ରୁ ୧୭ ବର୍ଷର ପିଲାମାନେ ଏଥିରେ ଭାଗ ନେଇଥିଲେ। ପ୍ରତ୍ୟେକ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଓ ପିଲାମାନେ ଆସିଥିଲେ। ଏହି ଖେଳକୁ ବହୁତ ଛାତ୍ରୀଛାତ୍ର ଦେଖିବା ସହିତ ଭାଗ ନେଇଥିଲେ। ଯୋଗ୍ୟମାନେ ଏଥିରେ ଭଲ ପଦର୍ଶନ କରିବେ ସେମାନେ ଜିଲାସ୍ତରୀୟ ଖେଳରେ ଭାଗ ନେବେ। କାର୍ଯ୍ୟକ୍ରମକୁ ଶିକ୍ଷକ ନରେଶ ପଟ୍ଟନାୟକ ପରିଚାଳନା କରିଥିଲେ।



ଶଟ୍‌ପୁଟ୍ ଖେଳ ଚାଲିଛି ।

# ୨ବର୍ଷ ଭିତରେ ଗୋଟିଏ ବି କାମ ସାରିନାହାନ୍ତି ଠିକାଦାର

ତେନ୍ତୁଳିଖୁଣ୍ଟି, ୨୩।୯ (ଚିଦାନନ୍ଦ ସାହୁ)

- ରାସ୍ତା ପାଲଟିଛି ମରଣଯନ୍ତା
- ଅସୁବିଧା ଭୋଗୁଛନ୍ତି ଲୋକେ, ଛାତ୍ରୀଛାତ୍ର

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକର ଏକ ପ୍ରମୁଖ ରାସ୍ତା କାମ ପ୍ୟାକେଜ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ୨୦୨୧-୨୨ ଆର୍ଥିକ ବର୍ଷରେ ବାହାରିଥିଲା। ମୂଷାମୁଣ୍ଡିଗୁଡ଼ା-କଣ୍ଟାଗାଁ, ପାତ୍ରପୁଟ-ଅଞ୍ଚଳଗୁମ୍ମା, ଅଞ୍ଚଳଗୁମ୍ମା-ଉମୁରି, ଅଞ୍ଚଳଗୁମ୍ମା-କାମତା ପ୍ରମୁଖ ରାସ୍ତା ଉକ୍ତ ପ୍ୟାକେଜରେ ରହିଥିଲା। ଭଲ ରାସ୍ତା ତିଆରି ହେବ ବୋଲି ଲୋକେ ଆଶା କରିଥିଲେ। କିନ୍ତୁ ଠିକାଦାରଙ୍କ ମନମୁଖି କାର୍ଯ୍ୟ ଯୋଗୁ ଲୋକେ ଅସୁବିଧା ଭୋଗ କରୁଛନ୍ତି। ଠିକାଦାର କେଉଁଠି ରାସ୍ତା ଖୋଳି ଛାଡ଼ି ଦେଇଛନ୍ତି ତ କେଉଁଠି ନୂତନ କଲଭର୍ଟ ନିର୍ମାଣ ନାମରେ ରାସ୍ତା ଭାଙ୍ଗି ଦେଇଛନ୍ତି। ଠିକାଦାର ଲକ୍ଷ୍ମୀନାରାୟଣ ଜୈନ ୨ ବର୍ଷ ମଧ୍ୟରେ ଗୋଟିଏ ବି ରାସ୍ତା ଶେଷ ସାରିନାହାନ୍ତି।

ଉମୁରୀରେ କଲ୍‌ଭର୍ଟ ଭାଙ୍ଗିଥିବାରୁ ବିପଦସଙ୍କୁଳ ଭାବେ ଛାତ୍ରୀଛାତ୍ର ଓ ଜନତା ଯିବାଆସିବା କରୁଛନ୍ତି। ସବୁ ରାସ୍ତା ଏବେ କର୍ଦ୍ଦମାକ୍ତ ଓ ବିପଦସଙ୍କୁଳ। ବର୍ତ୍ତମାନ ସ୍ଥିତିରେ ବର୍ଷାଦିନେ ସବୁଠାରୁ ଅଧିକ ହଇରାଣ ହେଉଛନ୍ତି ଆଦର୍ଶ ବିଦ୍ୟାଳୟ ବିଦ୍ୟାର୍ଥୀ। ମେଣ୍ଟରୀରୁ ବାଦୀଗୁଡା ରାସ୍ତା କଲ୍‌ଭର୍ଟ ଦବିଯାଇଛି। ଏଣୁ ଅଧିକ ବାଟ ବୁଲି ପିଲାମାନେ ସ୍କୁଲ ଯିବାକୁ ବାଧ୍ୟ ହେଉଛନ୍ତି। ଖର୍ଚ୍ଚାନ୍ତ ହେବା ସହ ସମୟ ନଷ୍ଟ ହେଉଛି। ଜିଲା ପରିଷଦ ବୈଠକରୁ ଆରମ୍ଭ କରି ସମିତି ବୈଠକରେ ଏହି ପ୍ୟାକେଜ୍ ରାସ୍ତା ସମ୍ପର୍କରେ ଆଲୋଚନା ହେଉଛି। ଲୋକ ପ୍ରତିନିଧି ଓ ଅଧିକାରୀମାନେ ଅସନ୍ତୋଷ ବ୍ୟକ୍ତ କରୁଥିଲେ ମଧ୍ୟ ରାସ୍ତା କାମରେ କୌଣସି ଅଗ୍ରଗତି ନାହିଁ। ଏହି ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗରୁ ରାସ୍ତା ଓ ଗୃହ ନିର୍ମାଣ ବିଭାଗକୁ ହସ୍ତାନ୍ତର ପାଇଁ ଚୂଡାନ୍ତ ହୋଇଛି। ଏହି ପ୍ୟାକେଜ କାମ ସରିଲେ ହିଁ ହସ୍ତାନ୍ତର ହୋଇପାରିବ ବୋଲି ଜଣାପଡ଼ିଛି। ଏ ନେଇ ଠିକାଦାର ଲକ୍ଷ୍ମୀନାରାୟଣ ଜୈନଙ୍କୁ ପଚାରିବାରୁ ବର୍ଷାଋତୁରେ ଏଭଳି ହେବ। ଲେସରେ କାମ ନେଇ ବର୍ଷାରେ କାମ କରି କ୍ଷତି କାହିଁକି ସହିବୁ ବୋଲି ସେ କହିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଦେବାଶିଷ ନାୟକଙ୍କୁ ପଚାରିବାରୁ କନିଷ୍ଠ ଯନ୍ତ୍ରୀଙ୍କୁ ପଠାଇ ବର୍ତ୍ତମାନ ପାଇଁ ଚଳାଚଳ ଯୋଗ୍ୟ ରାସ୍ତା କରିବାକୁ ଚେଷ୍ଟା କରାଯିବ ବୋଲି ସେ କହିଛନ୍ତି।



ଅଞ୍ଚଳଗୁମ୍ମା-ପାତ୍ରପୁଟ ରାସ୍ତା।

